# NATIONAL NEWS BULLETIN (ODIA)

## 19 July - 2025

## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ନିଶାମୁକ୍ତ ଭାରତ ଗଠନ ଦିଗରେ ଆଧ୍ୟାତ୍ମିକ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି; କହିଲେ ପ୍ରଧାନମନ୍ତ୍ରୀ
- ସଂସଦ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ନେଇ ଆସନ୍ତାକାଲି ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର
- ଉତ୍ତରାଖଣ୍ଡରେ ୧୨ ଶହ ୭୧ କୋଟି ଟଙ୍କାର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ
- ତେଲଙ୍ଗାନାର କାଜିପେଟ୍‌ଠାରେ ଆସନ୍ତା ବର୍ଷ ସୁଦ୍ଧା ରେଳ ନିର୍ମାଣକାରୀ ସଂସ୍ଥାର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ଦେଲେ ରେଳମନ୍ତ୍ରୀ

ଏବଂ

- ଚୀନ୍‌ରେ ଟାଇଫୁନ୍ ୱିଫା ସମ୍ଭାବନା ନେଇ ପାଣିପାଗ ବିଭାଗର ସତର୍କ ସୂଚନା

# ୟୁଥ୍ ସ୍ପିରିଚୁଆଲ ସମିଟ୍

ଏକ ନିଶାମୁକ୍ତ ଭାରତ ଗଠନ ଦିଗରେ ଯୁବ ଆଧ୍ୟାତ୍ମିକ ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରଧାନମନ୍ତ୍ରୀ  ନରେନ୍ଦ୍ର ମୋଦୀ କହିଛନ୍ତି । ଏ ସମ୍ପର୍କିତ ଏକ ଲେଖାକୁ ଗଣମାଧ୍ୟମରେ ସେୟାର କରି ସେ ଏହା କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, କେନ୍ଦ୍ରମନ୍ତ୍ରୀ ମନସୁଖ ମାଣ୍ଡବୀୟ ଏହି ଲେଖା ମାଧ୍ୟମରେ ନିଶାମୁକ୍ତ ଭାରତ ଗଠନ ଲାଗି ଆଧ୍ୟାତ୍ମିକ ସମ୍ମିଳନୀ କିପରି ସହାୟକ ହୋଇଥାଏ ତାହା ସେ ବିସ୍ତୃତ ଭାବେ ବର୍ଣ୍ଣନା କରିଛନ୍ତି ।

କେନ୍ଦ୍ର ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ମନସୁଖ ମାଣ୍ଡବୀୟ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲାଗି ସମସ୍ତ ଲକ୍ଷ୍ୟ ପୂରଣ କରିବାର ଆବଶ୍ୟକତା ରହିଛି । ସେ କହିଛନ୍ତି, ଦେଶର ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ଆଜିର ଆବଶ୍ୟକତା ରହିଛି । ଆଜି ବାରଣାସୀରେ ଯୁବ ଆଧ୍ୟାତ୍ମିକ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ମାଣ୍ଡବୀୟ କହିଛନ୍ତି, ସମସ୍ତଙ୍କୁ ପ୍ରଥମେ ରାଷ୍ଟ୍ରର ଭାବନା ଗ୍ରହଣ କରିବାକୁ ପଡ଼ିବ । ଏହି ଅବସରରେ ସେ ରାଷ୍ଟ୍ର ନିର୍ମାଣରେ ସହଯୋଗ କରିବାକୁ ଯୁବପିଢ଼ିଙ୍କୁ ଆହ୍ୱାନ ଦେଇଛନ୍ତି ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡବୀୟ କହିଛନ୍ତି, ଯୁବପିଢ଼ିଙ୍କୁ ସଶକ୍ତ କରାଯାଉଛି ଏବଂ ସେମାନେ ଯେଭଳି ଦେଶ ଗଠନରେ ସକ୍ରିୟ ଭାବେ ଅଂଶଗ୍ରହଣ କରିପାରିବେ ତାହା ସୁନିଶ୍ଚିତ କରାଯାଉଛି। ନିଶାମୁକ୍ତ ଭାରତ ଗଠନ ଲାଗି ଲୋକମାନଙ୍କୁ ଅଭିଯାନରେ ସାମିଲ ହେବାକୁ ଏବଂ ଶପଥ ପାଠ କରିବା ଲାଗି ସେ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ କେନ୍ଦ୍ର ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରୀ ଡକ୍ଟର ବୀରେନ୍ଦ୍ର କୁମାର ଯୁବପିଢ଼ିଙ୍କୁ ନିଶାମୁକ୍ତ କରିବା ଲାଗି କେନ୍ଦ୍ର ସରକାର ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରୁଥିବା କହିଛନ୍ତି।

ଆୟୋଜିତ ସମ୍ମିଳନୀରେ ଗୃହ ରାଷ୍ଟ୍ର ମନ୍ତ୍ରୀ ନିତ୍ୟାନନ୍ଦ ରାଏ ଯୋଗଦେଇ କହିଛନ୍ତି, କାଶୀ ହେଉଛି ଏକ ଆଧ୍ୟାତ୍ମିକ ସହର ଏବଂ ଏହିଠାରୁ ଆଧ୍ୟାତ୍ମିକତାର ଯାତ୍ରା ଆରମ୍ଭ ହେଉଛି। ଏହି ସମ୍ମିଳନୀରେ ଦେଶର ୧୦୦ରୁ ଅଧିକ ଆଧ୍ୟାତ୍ମିକ ଓ ସାମାଜିକ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ୫୦୦ରୁ ଅଧିକ ଯୁବ ପ୍ରତିନିଧି ଯୋଗ ଦେଇଛନ୍ତି। ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି 'ବିକଶିତ ଭାରତ ପାଇଁ ନିଶାମୁକ୍ତ ଯୁବପିଢ଼ି'।

## ଅଲ୍ ପାର୍ଟି ମିଟିଂ

ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ସରକାର ଆସନ୍ତାକାଲି ଏକ ସର୍ବଦଳୀୟ ବୈଠକ ଡାକିଛନ୍ତି । ଏହି ବୈଠକ ସମୟରେ ସଂସଦର

ଉଭୟ ଗୃହର କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ନିମନ୍ତେ ସରକାର ସମସ୍ତ ରାଜନୈତିକ ଦଳଙ୍କଠାରୁ ସହଯୋଗ ଲୋଡ଼ିବେ । ମୌସୁମ ଅଧୀବେଶନ ଆସନ୍ତା ସୋମବାରଠାରୁ ଅଗଷ୍ଟ ମାସ ୨୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଅଧିବେଶନ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବା ସହ ବିଭିନ୍ନ ବିଲ୍ ଗୃହୀତ ହେବାର କାର୍ଯ୍ୟକ୍ରମ ରହିଛି ।

## ଶାହ– ଉତ୍ତରାଖଣ୍ଡ

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆଜି ଉତ୍ତରାଖଣ୍ଡର ରୁଦ୍ରପୁରଠାରେ ୧୨ ଶହ ୭୧ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ଓ ଶିଳାନ୍ୟାସ କରିଛନ୍ତି। ରୁଦ୍ରପୁରଠାରେ ଆୟୋଜିତ ଉତ୍ତରାଖଣ୍ଡ ପୁଞ୍ଜିନିବେଶ ଉତ୍ସବ-୨୦୨୫ ଅବସରରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପୁଞ୍ଜିନିବେଶକାରୀ ଏବଂ ଉଦ୍ୟୋଗୀମାନଙ୍କ ସହ ଶ୍ରୀ ଶାହା ମତବିନିମୟ କରିଥିଲେ। ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି, ଉତ୍ତରାଖଣ୍ଡ ଭଳି କ୍ଷୁଦ୍ର ରାଜ୍ୟର ବିକାଶ ନ ହେଲେ ଦେଶର ପ୍ରଗତି ହୋଇପାରିବ ନାହିଁ। ତେଣୁ କେନ୍ଦ୍ର ସରକାର କ୍ଷୁଦ୍ର ଏବଂ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ଲାଗି ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି।

ଶ୍ରୀ ଶାହା ଉତ୍ତରାଖଣ୍ଡର ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମିଙ୍କୁ ପ୍ରଶଂସା କରି କହିଛନ୍ତି, ସେ ଶିଳ୍ପ ବିକାଶ ଏବଂ ପରିବେଶ ମଧ୍ୟରେ ସମତୁଲ ରକ୍ଷା

କରିବାରେ ସଫଳ ହୋଇଛନ୍ତି। ଶ୍ରୀ ଧାମି ଉତ୍ତରାଖଣ୍ଡରେ ସ୍ୱଚ୍ଛ ନୀତି, ତ୍ୱରିତ କାର୍ଯ୍ୟାନ୍ୱୟନ ଏବଂ ସର୍ବୋପରି ବିକାଶକୁ ଆଧାର କରି ଉତ୍ତରାଖଣ୍ଡର ସର୍ବାଙ୍ଗୀନ ଉନ୍ନତି କରିପାରିଛନ୍ତି ବୋଲି ଶ୍ରୀ ଶାହା କହିଛନ୍ତି। ଉତ୍ତରାଖଣ୍ଡରେ ୧ ଲକ୍ଷ କୋଟି ଟଙ୍କା ପୁଞ୍ଜିନିବେଶ କରାଯାଇ ୮୧ ହଜାରରୁ ଊର୍ଦ୍ଧ୍ୱ କର୍ମନିଯୁକ୍ତି ସୃଷ୍ଟି କରାଯାଇପାରିଛି ବୋଲି ସେ କହିଛନ୍ତି।

**V/O- AMIT-SHAH PROJECT**

# ଗୋଏଲ ଟ୍ରେଡ୍ ଡିଲ୍

କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋଏଲ ଆଜି କହିଛନ୍ତି, ଭାରତ ଏବଂ ଚତୁଃରାଷ୍ଟ୍ରୀୟ ୟୁରୋପୀୟ ବ୍ଲକ 'ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘ' ମଧ୍ୟରେ ମୁକ୍ତ ବାଣିଜ୍ୟ ରାଜିନାମା ଆସନ୍ତା ଅକ୍ଟୋବର ପହିଲାରୁ କାର୍ଯ୍ୟକାରୀ ହେବ। ଆସୋଚାମ୍ ପକ୍ଷରୁ ବିକଶିତ ଭାରତ ଲକ୍ଷ୍ୟ ହାସଲ ଦିଗରେ ବିଶ୍ୱର ପ୍ରଭାବ ସୃଷ୍ଟି ନେଇ ଆୟୋଜିତ ଅଧିବେଶନରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋଏଲ କହିଛନ୍ତି, ଏହି ଚାରୋଟି ଦେଶ ମୁକ୍ତ ବାଣିଜ୍ୟ ରାଜିନାମାକୁ ଗତ ବର୍ଷ ମାର୍ଚ୍ଚ ୧୦ ତାରିଖରେ ସ୍ୱାକ୍ଷର କରିଥିଲେ। ୟୁରୋପୀୟ ମୁକ୍ତ ବାଣିଜ୍ୟ ସଂଘରେ ଆଇସଲ୍ୟାଣ୍ଡ, ଲିଚେନ୍‌ଷ୍ଟାଇନ୍, ନରୱେ ଏବଂ ସ୍ୱିଜରଲାଣ୍ଡ ଅଛନ୍ତି। ଏହି ବ୍ଲକ ବୁଝାମଣା ପରେ ଆସନ୍ତା ୧୦ ବର୍ଷ ମଧ୍ୟରେ ୧୦୦ ବିଲିୟନ ଡଲାର ମଧ୍ୟରେ ୫୦

ବିଲିୟନ ଡଲାର ପୁଞ୍ଜିନିବେଶ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରିଛି। ସେହିପରି ଆଗାମୀ ୫ ବର୍ଷ ମଧ୍ୟରେ ଆଉ ୫୦ ବିଲିୟନ ଡଲାର ନିବେଶ କରିବ। ଫଳରେ ଭାରତରେ ୧ ମିଲିୟନ ପ୍ରତ୍ୟକ୍ଷ କର୍ମନିଯୁକ୍ତି ସୁବିଧା ସୃଷ୍ଟି ହୋଇପାରିବ ବୋଲି ଶ୍ରୀ ଗୋଏଲ କହିଛନ୍ତି।

ଶ୍ରୀ ଗୋଏଲ କହିଛନ୍ତି, ଦେଶର ସ୍ୱାର୍ଥରକ୍ଷା ଦିଗରେ କାର୍ଯ୍ୟ କଲେ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ବୁଝାମଣା କ୍ଷେତ୍ରକୁ ପ୍ରବେଶ କରିପାରିବ। ଶ୍ରୀ ଗୋଏଲ କହିଛନ୍ତି, ଭାରତ ଦେଶର ସ୍ୱାର୍ଥକୁ ସର୍ବଦା ପ୍ରାଥମିକତା ଦେଇଥାଏ।

ଶିଳ୍ପ ନେତା ଏବଂ ଉଦ୍ୟୋଗୀମାନଙ୍କୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ ମାନସିକତା ପରିବର୍ତ୍ତନର ଗୁରୁତ୍ୱ ରହିଛି। କ୍ଷୁଦ୍ର ଏବଂ ବଡ଼ ଫାର୍ମଗୁଡ଼ିକ ମଧ୍ୟରେ ସାମୂହିକ ଅଭିବୃଦ୍ଧି ଏବଂ ପାରସ୍ପରିକ ସମର୍ଥନ ଦିଗରେ ପରିବର୍ତ୍ତନ କରିବା ନିମନ୍ତେ ସେ ଆହ୍ୱାନ ଦେଇଥିଲେ। ଶ୍ରୀ ଗୋଏଲ ଏମ୍‌ଏସ୍‌ଏମ୍‌ଇ ଅଂଶୀଦାରମାନଙ୍କୁ ସେମାନଙ୍କ ବ୍ୟବସାୟକୁ ପ୍ରଭାବିତ କରୁଥିବା ଶୁଳ୍କ ବିହୀନ ପ୍ରତିବନ୍ଧକ ବିଷୟରେ ସରକାରଙ୍କୁ ସକ୍ରିୟ ଭାବରେ ସୂଚିତ କରିବାକୁ ଅନୁରୋଧ କରିଥିଲେ।

ଶ୍ରୀ ଗୋୟଲ ପରସ୍ପରକୁ ସମର୍ଥନ କରିବା ଏବଂ ଭୋକାଲ ଫର୍ ଲୋକାଲକୁ ଆପଣାଇବା ନିମନ୍ତେ  ଆହ୍ୱାନ ଦେଇଥିଲେ। ସେ ଅଣୁ, କ୍ଷୁଦ୍ର

ଏବଂ ମଧ୍ୟମ ଉଦ୍ୟୋଗ ଉପରେ ଗୁରୁତ୍ୱ ପ୍ରଦାନ କହିଥିଲେ, ବିଶ୍ୱ ସ୍ତରରେ ପ୍ରତିଯୋଗିତା ପାଇଁ  ଗବେଷଣା, ନବସୃଜନ, ଗୁଣବତ୍ତା ଉପରେ ଧ୍ୟାନ କେନ୍ଦ୍ରିତ ହେବା ଉଚିତ।

ଏହା ୨୦୪୭ ସୁଦ୍ଧା ବିକଶିତ ଭାରତର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ଆଲୋଚନା କାର୍ଯ୍ୟକ୍ରମର ଅଂଶବିଶେଷ ଥିଲା।

## କାଜିପେଟ୍- ରେଲ୍ ମାନୁଫ୍ୟାକଚରିଂ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଆସନ୍ତା ବର୍ଷ ସୁଦ୍ଧା କାଜିପେଟ୍‌ଠାରେ ରେଳ ନିର୍ମାଣକାରୀ ସଂସ୍ଥା ତା'ର କାର୍ଯ୍ୟ ଆରମ୍ଭ କରିବ। କେନ୍ଦ୍ର କୋଇଲା ମନ୍ତ୍ରୀ ଜି.କିଶାନ ରେଡ୍ଡୀଙ୍କ ସହ ସଂସ୍ଥାର କାର୍ଯ୍ୟର ସମୀକ୍ଷା କରିବା ପରେ ଶ୍ରୀ ବୈଷ୍ଣବ କହିଛନ୍ତି, ଚଳିତ ବର୍ଷ ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ଏବଂ ପର୍ଯ୍ୟାୟକ୍ରମେ ରେଳ ନିର୍ମାଣକାରୀ ସଂସ୍ଥାନରେ ଇଞ୍ଜିନ୍, ଡବା, ୱାଗନ ଏବଂ ମେଟ୍ରୋ ରେଳ ଡବା ନିର୍ମାଣ ହେବ। ଭାରତର ରେଳ ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଦେଶର ଅର୍ଥନୈତିକ ପ୍ରଗତି ଦିଗରେ କାଜିପେଟ୍ ରେଳ ନିର୍ମାଣକାରୀ ସଂସ୍ଥା ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ତେଲଙ୍ଗାନାରେ ରେଳ ପ୍ରକଳ୍ପ ଗୁଡ଼ିକର ଦ୍ରୁତ ଉନ୍ନତି ଘଟିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସମସ୍ତ ଶ୍ରେୟ ଦେଇ କାଜିପେଟଠାରେ ଏହି ନୂତନ କୋଚ୍ ନିର୍ମାଣକାରୀ ସଂସ୍ଥା

ଗଠନ କରିବାର ସ୍ୱପ୍ନ ସୃଷ୍ଟି ହୋଇଥିଲା ବୋଲି ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ କହିଛନ୍ତି ।

**V/O- ASHWANI---KAJIPETH**

## କେରଳ ଆଇଆଇଟି ପ୍ରଧାନ

୨୦୪୭ ମସିହା ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ରରେ ପରିଣତ ହେବା ଲାଗି ଲକ୍ଷ୍ୟ ସ୍ଥିର କରାଯାଇଛି ଏବଂ ଏହି ଲକ୍ଷ୍ୟ ହାସଲ କରିବା କ୍ଷେତ୍ରରେ ପ୍ରତ୍ୟେକ ନାଗରିକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଆଜି କେରଳର ପାଲକଡ଼ସ୍ଥିତ ଆଇ.ଆଇ.ଟି.ର ସପ୍ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପରିବହନ, ଚିକିତ୍ସା ସୁବିଧା ଏବଂ କୃଷି ସମେତ ବିଭିନ୍ନ କ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣରେ ନେତୃତ୍ୱ ନେବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଶିକ୍ଷାମନ୍ତ୍ରୀ କହିଛନ୍ତି, ବିଶ୍ୱ ଡିଜିଟାଲ କ୍ଷେତ୍ରରେ ଭାରତ ତାର ଦୃଢ଼ ଉପସ୍ଥିତି ଜାହିର କରିଛି । ପ୍ରଯୁକ୍ତିବିଦ୍ୟା ଏବଂ କୃଷିରେ ଆଧୁନିକ ପ୍ରଯୁକ୍ତିର ଗୁରୁତ୍ୱ ଉପରେ ଆଲୋକପାତ କରି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି, ସାରା ଦେଶରେ ପ୍ରଯୁକ୍ତିବିଦ୍ୟାକୁ ନେଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୂତନ ଉତ୍ସାହ ସୃଷ୍ଟି ହୋଇଛି । ଏହି ଅବସରରେ ୩୨୮ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ।

# ପାକିସ୍ତାନ ବନ୍ୟା

ପାକିସ୍ତାନରେ ବର୍ଷା ଓ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ୧୩୦ରୁ ଉର୍ଦ୍ଧ୍ୱ ହୋଇଥିବା ବେଳେ ୪୬୨ରୁ ଅଧିକ ଲୋକ ଆହତ ହୋଇଛନ୍ତି। ପାକିସ୍ତାନ ବିପର୍ଯ୍ୟୟ, ପରିଚାଳନା କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି ଗତ ୪୮ ଘଣ୍ଟା ମଧ୍ୟରେ ପଞ୍ଜାବ ପ୍ରଦେଶରେ ୧୦ ଜଣ ଲୋକ ପ୍ରାଣ ହରାଇଛନ୍ତି। ଆସନ୍ତା ୨୦ ତାରିଖରୁ ୨୫ ତାରିଖ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ପ୍ରବଳ ବର୍ଷା, ଝଡ଼ ଏବଂ ବନ୍ୟା ହେବା ନେଇ ସତର୍କ ସୂଚନା ଦିଆଯାଇଛି।

# ଚାଇନା- ଟାଇଫୁନ୍ ୱିଫା

ଦକ୍ଷିଣ ଚୀନ୍‌ର ହାଇନାନ ଏବଂ ଗୁଆଙ୍ଗଡଙ୍ଗ ପ୍ରଦେଶରେ ଟାଇଫୁନ୍ ୱିଫା ହେବାର ସମ୍ଭାବନା ନେଇ ସତର୍କ ସୂଚନା ଜାରି କରାଯାଇଛି। ଟାଇଫୁନ୍ ଫଳରେ ଅଧିକାଂଶ ଅଞ୍ଚଳରେ ପ୍ରବଳ ବର୍ଷା ହେବା ନେଇ ସୂଚନା ଦିଆଯାଇଛି। ହାଇନାନ୍ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ଟାଇଫୁନ୍ ୱିଫା ଆଜି ବଡି ଭୋର୍ ସମୟରେ ଏହା ଅଧିକ ଶକ୍ତିଶାଳୀ ହୋଇଛି। ୱିଫା ଉତ୍ତର ପଶ୍ଚିମାଭିମୁଖୀ ହୋଇ ଗତି କରି ଶକ୍ତି ସଞ୍ଚୟ କରୁଥିବା ହାଇନାନ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ଆସନ୍ତାକାଲି ଅପରାହ୍ନ କିମ୍ବା ରାତିରେ ଏହା ସ୍ଥଳ ଭାଗକୁ ଛୁଇଁବ ବୋଲି ସୂଚନା ଦିଆଯାଇଛି।